# ଛୋଟ ମୋର ଗାଆଁଟି

ODM EDUCATIONAL GROUP
Changing your Tomorrow

## କବି:ସଚ୍ଚିଦାନନ୍ଦ ରାଉତରାୟ

## ଶ୍ରେଣୀ:ସପ୍ତମ

## ତୃତୀୟ ଦିନ

**SUB-CONCEPTS:ସରଳ ଶାନ୍ତ ପଲ୍ଲୀଗ୍ରାମର ବର୍ଣ୍ଣନା ।**

**ପୂର୍ବ ପାଠ୍ୟର ଆଲୋଚନା-**

**୧.ଏନ୍ତୁଡିଶାଳ କାହାକୁ କୁହାଯାଏ ?**
**୨.ଷଠୀଘର କହିଲେ କ’ଣ ବୁଝ?**
**୩.ପ୍ରାଣ-ନାହା କହିଲେ କ’ଣ ବୁଝ?**

# କବିତାଂଶ ବ୍ୟାଖ୍ୟା:

ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନ ନଇ,
ନିଃଶ୍ୱାସେ ମୋର ତାହାରି ବାୟୁ
ଚଳାଏ ପ୍ରାଣ-ନାହାଟି ।
ଛୋଟ ମୋର ଗାଆଁଟି ।
ତାହାରି ଫୁଲ,ଶାଗୁଆ ଲତା
କଣ୍ଢେ ମୋର ଦେଲା ଯେ କଥା,
ଆଖିରେ ଦେଲା ଚାହାଣି ନୂଆ
(ତାର) ଫଗୁଣ ଉଷା ପାହାନ୍ତି ।
ଛୋଟ ମୋର ଗାଆଁଟି ।



- କବି ଅନୁଭବ କରିଛନ୍ତି ଯେ ସତେ ଯେପରି ପଲ୍ଲୀଭୂମିର ଜଳ ତାଙ୍କ ଶିରା ପ୍ରଶିରରେ ରକ୍ତ ହୋଇ ବହି ଚାଲିଛି । ନିଃଶ୍ୱାସରେ ସେହି ପବନର ଗନ୍ଧ ସେ ଅନୁଭବ କରିଛନ୍ତି । ସେହି ଜଳ ବାୟୁ ତାଙ୍କ କର୍ମମୟ ଜୀବନକୁ ଚଳଚଞ୍ଚଳ କରିଛି ।
- ଶାନ୍ତ ସରଳ ନିଜ ପଲ୍ଲୀଗ୍ରାମର ଗଛ-ଲତା,ଫୁଲ-ଫଳ ସବୁ କିଛି ଅତି ଆପଣାର। ସେହି ବିଲ,ବାଡିର ଶସ୍ୟ ତାଙ୍କ ଶରୀର ଗଠନରେ ସହାୟକ ହୋଇଥିଲା । ସେହି ପରିବେଶ ତାଙ୍କ କଣ୍ଠରେ ଭରି ଦେଇଥିଲା ଦରୋଟି ଭାଷା,ଓଠରେ ଭରି ଦେଇଥିଲା ଚୂନା ଚୂନା ହସ ।
- ପାହାନ୍ତି ଉଷାର ସୂର୍ଯ୍ୟୋଦୟର ଲାଲ କିରଣ ଓ ସୂର୍ଯ୍ୟାସ୍ତର ସୁନେଲି ପ୍ରକୃତି ତାଙ୍କ ଆଖିରେ ନୂଆ ଚାହାଣୀ ଭରି ଦେଇଥିଲା ।

# କଠିନ ଶବ୍ଦର ଅର୍ଥ:

- ଉଷା-ସକାଳ
- ମୂରଲୀ-ବଂଶୀ
- ସ୍ୱନ-ସ୍ୱର
- ସକଳ-ସବୁ
- ଯେସନେ-ଯେପରି

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

କଥା-ଅକଥା
ନୂଆ-ପୁରୁଣା

## ପ୍ରତିଶବ୍ଦ:

ଊଷା-ସକାଳ,ଭୋର
ବଣ-ଜଙ୍ଗଲ,ଅରଣ୍ୟ
ଆଖି-ନୟନ,ଚକ୍ଷୁ
ବାୟୁ-ପବନ,ସମୀର

ODM EDUCATIONAL GROUP
Changing your Tomorrow

# ଗୃହକର୍ମ:

ତୁମ ଗାଆଁରେ ପାଳନ କରାଯାଉଥିବା ପର୍ବପର୍ବାଣୀ ବିଷୟରେ ଲେଖ ।

# THANKING YOU

# ODM EDUCATIONAL GROUP